CAREERINDIA

# AISSCE – 2020

## Subject: ODIA (113)

## CLASS-XII

## SAMPLE MARKING SCHEME

**ସମୟ: ୩ ଘଣ୍ଟା** **ପୂର୍ଣ୍ଣସଂଖ୍ୟା: ୮୦**

**General Instructions:**

The Marking Scheme carries only suggested value points for the answers. These are only Guidelines and do not constitute the complete answer. The students can have their own expression and if the expression is correct the marks be awarded accordingly.

## 'କ' ବିଭାଗ

| Q. No. | KEY POINTS / VALUE POINTS | DIVISION OF MARKS | TOTAL MARKS |
|---|---|---|---|
| ୧. | (କ) ମୁନିଋଷିମାନେ ଥିଲେ ସ୍ୱାଧୀନ ଚିନ୍ତକ । କାହାରି ଇଚ୍ଛାରେ ସେମାନେ ପରିଚାଳିତ ନହୋଇ ନିଜର ଜ୍ଞାନଭୂମିକୁ ବିକଶିତ କରୁଥିଲେ । | ୨ | |
| | (ଖ) ସ୍ୱାଧୀନଭାବରେ କୌଣସି କଥା ଚିନ୍ତା ନକରି ଶୁଣିଥିବା କିମ୍ବା ପ୍ରଚଳିତ କଥାକୁ ଗ୍ରହଣ କରି ତାହା ପ୍ରକାଶ କରିବା ଆମର ଅଜ୍ଞତାର ପରିଚୟ ଦେଇଥାଏ । | ୨ | |
| | (ଗ) ଶିକ୍ଷିତ ଯୁବକମାନଙ୍କର ଉଦାସୀନ ମନୋଭାବ, ଅଭ୍ୟାସର ମୋହ ତଥା କୁସଂସ୍କାର ପ୍ରତି ଅହେତୁକ ଦୁର୍ବଳତା ସେମାନଙ୍କ ସ୍ୱାଧୀନ ଚିନ୍ତନ ଶକ୍ତିକୁ ଦୁର୍ବଳ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ପଙ୍ଗୁ ସଜାଇ ଦିଏ । | ୨ | ୧୦ |
| | (ଘ) ମଣିଷ ତା'ର ଈଶ୍ୱରଦତ୍ତ ଚେତନାକୁ ଆଧାର କରି ଭଗବତ୍ ବିଶ୍ୱାସ ପୂର୍ବକ ନିର୍ଭୀକଭାବେ ସ୍ୱାଧୀନ ମତ ପୋଷଣ କରିବା ଦ୍ୱାରା ସମାଜରେ ସତ୍ୟ, ଧର୍ମ ଓ ନ୍ୟାୟ ପ୍ରତିଷ୍ଠିତ ହୋଇ ପାରିବ । | ୨ | |
| | (ଙ) ସ୍ୱାଧୀନ ଚିନ୍ତା ଅଭାବରେ ମାନବ ସମାଜର ଅଧୋଗତି ହୋଇଥାଏ । | ୨ | |
| | **(ପ୍ରତିଟି ପ୍ରଶ୍ନର ଉତ୍ତର ପୂର୍ଣ୍ଣବାକ୍ୟରେ ଲେଖାଯିବା ଉଚିତ୍)** | | |

## 'ଖ' ବିଭାଗ

| Q. No. | KEY POINTS / VALUE POINTS | DIVISION OF MARKS | TOTAL MARKS |
|---|---|---|---|
| ୨. | **ଯେ କୌଣସି ଗୋଟିଏ ପ୍ରବନ୍ଧ** | | |
| | ଉପକ୍ରମ | ୧ | |
| | ବିଷୟବସ୍ତୁ ବିଶ୍ଳେଷଣ | ୪ | ୮ |
| | ଭାଷା, ଅନୁଚ୍ଛେଦୀକରଣ, ଉଦ୍ଧୃତି | ୨ | |
| | ଉପସଂହାର | ୧ | |
| | **(ସମସ୍ତ ପ୍ରବନ୍ଧ ପାଇଁ ଏହି ନୀତିକୁ ଅନୁସରଣ କରାଯିବ)** | | |

www.careerindia.com

| Q. No. | KEY POINTS / VALUE POINTS | DIVISION OF MARKS | TOTAL MARKS |
|---|---|---|---|
| ୩. | **ଦରଖାସ୍ତ:** ସମ୍ବୋଧନ ପର୍ଯ୍ୟାୟ<br>ଉପସ୍ଥାପନ/ବିଷୟବସ୍ତୁ,<br>ଭାଷା ଓ ଲିଖନ ଶୈଳୀ | ୧<br>୫<br>୧ | ୭ |

## 'ଗ' ବିଭାଗ

| | | | |
|---|---|---|---|
| ୪. | (କ) **ବିପରୀତାର୍ଥବୋଧକ ଶବ୍ଦ: (୫ଟିର)**<br>ପୁରସ୍କାର-ତିରସ୍କାର, ନିରପେକ୍ଷ-ସାପେକ୍ଷ/ପକ୍ଷପାତ, ଦେଷୀ-ନିର୍ଦ୍ଦୋଷ, ପ୍ରାକୃତ୍ରିକ-କୃତ୍ରିମ/ଅପ୍ରାକୃତିକ, ଭୀମ-କାନ୍ତ, ଶ୍ରୋତା-ବକ୍ତା, ସାକ୍ଷର-ନିରକ୍ଷର | ୫x୧ | ୫ |
| | (ଖ) **ଅର୍ଥଗତ ପାର୍ଥକ୍ୟ: (୫ଟିର)**<br>ସ୍ମୃତି-ସ୍ମରଣ ଶକ୍ତି, ଶ୍ରୁତି-ବେଦ<br>ସର-ପୁଷ୍କରିଣୀ/କ୍ଷୀର ସର, ଶର-ତୀର<br>ସର୍ଗ-ଅଧ୍ୟାୟ, ସ୍ୱର୍ଗ-ଦେବଲୋକ<br>ନିଧନ-ମୃତ୍ୟୁ, ନିର୍ଦ୍ଧନ-ଧନହୀନ<br>ଶାପ-ଅଭିଶାପ, ସାପ-ସର୍ପ<br>ଶିଳ-ପଥରଖଣ୍ଡ, ଶୀଳ-ସ୍ୱଭାବ<br>ମତ-ମତାମତ, ମତ୍ତ-ପାଗଳ | ୫x୧ | ୫ |
| | **(କ) ଓ (ଖ) ପ୍ରଶ୍ନରେ କୌଣସି ଶବ୍ଦର ବନାନ ଭୁଲ ଥିଲେ $\frac{1}{2}$ ମାର୍କ କଟାଯିବ)** | | |
| ୫. | (କ) **ଭ୍ରମ ସଂଶୋଧନ: (୫ଟିର)**<br>ପୂଜ୍ୟାସ୍ପଦ-ପୂଜାସ୍ପଦ, ଉପଯୋଗୀତା-ଉପଯୋଗିତା, ଶଶୀଭୁଷଣ-ଶଶିଭୂଷଣ, ପୌରୁଷତା-ପୌରୁଷ/ପୁରୁଷତ୍ୱ, ସର୍ବଜନିନ-ସାର୍ବଜନୀନ, ଦାରିଦ୍ର୍ୟତା-ଦରିଦ୍ରତା/ଦାରିଦ୍ର୍ୟ, ଅକ୍ଷୁର୍ଣ୍ଣ-ଅକ୍ଷୁଣ୍ଣ | ୫x୧ | ୫ |
| | (ଖ) **ଏକପଦରେ ପ୍ରକାଶ: (୫ଟିର)**<br>ଭୋଜନ କରିବାକୁ ଇଚ୍ଛୁକ-ବୁଭୁକ୍ଷୁ,<br>ବିଷ୍ଣୁଙ୍କର ଉପାସକ-ବୈଷ୍ଣବ,<br>ଯିଏ ନ୍ୟାୟ ଦିଅନ୍ତି-ନ୍ୟାୟମୂର୍ତ୍ତି/ନ୍ୟାୟାଧୀଶ,<br>ପ୍ରତିଷ୍ଠା ଲାଭ କରିଛନ୍ତି ଯେ-ଲବ୍ଧପ୍ରତିଷ୍ଠ,<br>ସହିବା ସ୍ୱଭାବ ଯାହାର-ସହିଷ୍ଣୁ | ୫x୧ | ୫ |
| | **(ଖ) ପ୍ରଶ୍ନରେ କୌଣସି ଶବ୍ଦର ବନାନ ଭୁଲ ଥିଲେ $\frac{1}{2}$ ମାର୍କ କଟାଯିବ)** | | |

www.careerindia.com

CAREERINDIA

# 'ଘ' ବିଭାଗ

| Q. No. | KEY POINTS / VALUE POINTS | DIVISION OF MARKS | TOTAL MARKS |
|---|---|---|---|
| ୬. | ଲେଖକ ପରିଚୟ<br>ପ୍ରସଙ୍ଗ ନିର୍ଦ୍ଦେଶ<br>ବର୍ଣ୍ଣନା, ବିଷୟବସ୍ତୁ, ନିଜସ୍ୱ ମତାମତ | ୧<br>୧<br>୩ | ୫ |
| ୭. | (କ) ଭୁବନେଶ୍ୱର ବେହେରା – (ପ୍ରବନ୍ଧ) ତିନିତୁଣ୍ଡରେ<br>ଭଲମନ୍ଦ ଚିହ୍ନିବାରେ ଯୋଗ୍ୟତା ଯେଉଁଠି ନଥାଏ, ଯେଉଁ ଦେଶର ଜନତା ନିଜର ଅଧିକାର ତଥା କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶରେ ଗୁଣ ଅପେକ୍ଷା ପ୍ରୋପାଗଣ୍ଡା ହିଁ ବିଶେଷ କାମକରେ ।<br>(ଖ) ବାଗ୍ମୀବିଶ୍ୱନାଥ କର–(ପ୍ରବନ୍ଧ) ଇତିହାସ<br>ବର୍ତ୍ତମାନର ଇତିହାସରେ କେବଳ ରାଜା, ରାଜପୁରୁଷ ବା ରାଜନୀତି ସ୍ଥାନ ପାଉନାହିଁ, ଏଥିରେ ଜନସାଧାରଣଙ୍କର ଆଚାର, ବ୍ୟବହାର, ଧର୍ମ, ନୀତି, ଶିକ୍ଷା, ଶିଳ୍ପ, ବାଣିଜ୍ୟ, ସାହିତ୍ୟ ଓ ବିଜ୍ଞାନ ପ୍ରଭୃତି ସକଳ ପ୍ରକାର ପ୍ରୟୋଜନୀୟ ବିଷୟର ସମାବେଶ ହୋଇଅଛି ।<br>(ଗ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ– (ପ୍ରବନ୍ଧ) ପୁଷ୍ପପୁରରେ ବର୍ଷାବରଣ<br>ଗୋ–ପଲର ଗଳଘଣ୍ଟି ବା ଗୋପାଳର ବେଣୁସ୍ୱନ ଶୁଣି କିମ୍ବା କୁଟୀରରୁ ଉଦ୍‌ଗତ କୁଣ୍ଡଳୀଭୂତ ଧୂମ ଦେଖି ଗ୍ରାମ ସୀମା ଜଳଦ ଜାଣିପାରିବ । ଅଥବା ସଂକୀର୍ଣ୍ଣ ପଥରେ ଶ୍ରେଣୀବଦ୍ଧ ନରନାରୀଙ୍କ ପ୍ରବାହ, ଅଗ୍ରସର ନବଯୁବକମାନଙ୍କ ବେଣୁସ୍ୱନର ଅନୁକୃତିରେ ଲଳନା କଣ୍ଠର ଐକତାନିକ ଲଳିତ ସ୍ୱରରେ ବନଭୂମିକୁ ନିନାଦିତ କରୁଥିଲେ ସେଠାରେ ବନବାସୀଙ୍କ ବାସଭୂମି ଜଳଦ ଚିହ୍ନି ପାରିବବୋଲି ଲେଖକ କହିଛନ୍ତି ।<br>(ଘ) ଭୁବନେଶ୍ୱର ବେହେରା– (ପ୍ରବନ୍ଧ) ତିନିତୁଣ୍ଡରେ<br>ପାଣ୍ଡୁ ଟିକିଏ ମୁରୁକି ହସ ହସିଦେଇ ଓଳିକି କରୁକରୁ କହିଲା–'ଗୋସାଇଁ ମହାପ୍ରଭୁ ! ଏଇ ଭୋର୍ ଭୋର୍‌ରୁ କୁକୁରଟିଏ କାନ୍ଧରେ ବୋହି କୁଆଡ଼ିକି ଚାଲିଛନ୍ତି ।<br>(ଙ) ଗୋଲୋକ ବିହାରୀ ଧଳ–(ପ୍ରବନ୍ଧ)ସ୍ୱାଧୀନ ଦେଶର ଶିକ୍ଷା ଚିନ୍ତା<br>ଯୋଜନାକୁ ଯେତିକି ଆଗ୍ରହରେ କରିବାକୁ ହେବ, ଶିକ୍ଷାକୁ ତା'ଠାରୁ ଅନେକ ଗୁର ଅଧିକ ଗୁଣ ଅଧିକ ଆଗ୍ରହରେ କଲେ ଶିକ୍ଷା ଓ ଯୋଜନା ଭିତରେ ସମନ୍ୱୟ ରହିପାରିବ । ନଚେତ୍ ପାଠ ପଢ଼ି ସାରିବା ପର୍ଯ୍ୟନ୍ତ ଯୋଜନାକୁ ପକାଇ ରଖିଲେ ଆମେ ବହୁତ ପଛରେ ପଡ଼ିଯିବା ।<br>(ପ୍ରତିଟି ଉତ୍ତରରେ ଲେଖକଙ୍କ ସଂପର୍କରେ ସୂଚନା ଓ କେଉଁ ପରିପ୍ରେକ୍ଷୀରେ କୁହାଯାଇଛି ରହିବ) | ୩x୨ | ୬ |

www.careerindia.com

| Q. No. | KEY POINTS / VALUE POINTS | DIVISION OF MARKS | TOTAL MARKS |
|---|---|---|---|
| ୮. | (କ) ଏସିଆ | ୧ | ୪ |
| | (ଖ) ଲୋକପ୍ରତିନିଧି ମନୋନୟନ | ୧ | |
| | (ଗ) ସିନ୍ଧୁ | ୧ | |
| | (ଘ) ଫରାସୀ ରାଷ୍ଟ୍ରବିପ୍ଳବ | ୧ | |
| ୯. | କବି ପରିଚୟ | ୧ | ୫ |
| | ପ୍ରସଙ୍ଗ ନିର୍ଦ୍ଦେଶ | ୧ | |
| | ବର୍ଣ୍ଣନା, ବିଷୟବସ୍ତୁ, ନିଜସ୍ୱ ମତାମତ | ୩ | |
| ୧୦. | (କ) ପିଙ୍ଗଳାର ଅଭିସାର – ରାଧାମୋହନ ଗଡ଼ନାୟକ<br>ସମ୍ଭ୍ରାନ୍ତ ଧନୀ ଯୁବକ ସଙ୍କେତ ଦେଇ ନ ଆସିବାରୁ ଓ ସାରାରାତି ତା'ରି ପ୍ରତୀକ୍ଷାରେ କଟାଇଥିବାରୁ ପିଙ୍ଗଳାର ମନରେ ବିରାଗ ଭାବ ଆସିଥିଲା ।<br><br>(ଖ) ବନ୍ଦୀର ବିରହବ୍ୟଥା – ଗୋପବନ୍ଧୁ ଦାସ ।<br>ଯେହେତୁ କବି ଗୋପବନ୍ଧୁ ପ୍ରିୟଜନ ଓ ପ୍ରିୟସ୍ଥାନ ଛାଡ଼ି ବନ୍ଦୀ ଭାବରେ ରହିଥିଲେ, ସେଥିପାଇଁ ତାଙ୍କର ମନପ୍ରାଣ ବିରହ ବିଷାଦରେ ଘାରୁଥିଲା ।<br><br>(ଗ) ତପସ୍ୱିନୀର ପତ୍ର – ଗଙ୍ଗାଧର ମେହେର ।<br>ସୀତା ଲେଖିଥିଲେ ତାଙ୍କର ପୁତ୍ରଦ୍ୱୟ ଅତ୍ୟନ୍ତ ଅବୋଧ । ସେମାନଙ୍କ ଭାଗ୍ୟରେ ପିତୃକୋଳ ଆରୋହଣର ଭାଗ୍ୟ ନାହିଁ । ଫଳରେ ସେମାନେ ଜନ୍ମ ସମୟରୁ ପିତୃ ଅନୁରାଗ ଜାଣନ୍ତି ନାହିଁ ।<br><br>(ଘ) ବଡ଼ପଣ – ରାଧାନାଥ ରାୟ<br>ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡର ନିଜର ଶେଷଇଚ୍ଛା ପ୍ରକାଶ କରି କହିଥିଲେ, ମୋ ପିଣ୍ଡରୁ ପ୍ରାଣପକ୍ଷୀ ଚାଲିଗଲା ପରେ ମୋର ଶବକୁ କୋକେଇରେ ନେଲାବେଳେ ଦୁଇପାଖକୁ ମୋର ହାତ ଝୁଲାଇ ଦେବ । ମୋର ଖାଲି ହାତକୁ ଦେଖି ଜଗତ ଜାଣିବ, ମୁଁ ଶୂନ୍ୟ ହସ୍ତରେ ଆସିଥିଲି, ଶୂନ୍ୟ ହସ୍ତରେ ଫେରିଗଲି । | ୨x୩ | ୬ |

www.careerindia.com

| Q. No. | KEY POINTS / VALUE POINTS | DIVISION OF MARKS | TOTAL MARKS |
|---|---|---|---|
| | (ଙ) ବାର୍ତ୍ତା – ସଚ୍ଚିଦାନନ୍ଦ ରାଉତରାୟ<br>ଶତାବ୍ଦୀର ସିଂହଦ୍ୱାରରୁ ବାର୍ତ୍ତା ଆସିଛି, ଯୁଗଯୁଗ ଧରି ଶୋଷିତ ହେଉଥିବା ମଣିଷମାନେ ଜାଗି ଉଠନ୍ତୁ । ସେମାନେ ବଦଳାଇ ଦିଅନ୍ତୁ ମାଲିକ ମୂଲିଆ, ଶୋଷକ ଓ ଶୋଷିତର ସଂପର୍କକୁ । ଉତ୍ପୀଡ଼ନର ଜୟ ହେଉ କହିବା ପଛରେ କବିଙ୍କ ଉଦ୍ଦେଶ୍ୟ ହେଉଛି ଶୋଷିତ ମଣିଷଙ୍କ ମନରେ ସମ୍ଭାବନାର ବୀଜ ବୁଣିଦେବା ।<br>**(ପ୍ରତିଟି ଉତ୍ତରରେ କବିଙ୍କ ସଂପର୍କରେ ଓ କବିଙ୍କ ଭାବାବେଗ ସଂପର୍କରେ ସୂଚନା ରହିବ)** | | |
| ୧୧. | (କ) ହସି ହସି ମୃତ୍ୟୁ ତା' ପଛରେ ଆସି ବସିଯାଏ<br>(ଖ) ରାମଚନ୍ଦ୍ର<br>(ଗ) ସଂଧ୍ୟାର ବିରହ ଦୃଶ୍ୟ<br>(ଘ) ବିଦେହ | ୧<br>୧<br>୧<br>୧ | ୪ |
| ୧୨. | ଗାଳ୍ପିକଙ୍କ ସଂପର୍କରେ ପରିଚୟ<br>ବିଷୟବସ୍ତୁ, ଲେଖାର ଶୈଳୀ, ଭାଷା<br>ନିଜସ୍ୱ ମତାମତ | ୧<br>୩<br>୧ | ୫ |

**ବି.ଦ୍ର.–ପରୀକ୍ଷକ ଛାତ୍ରଛାତ୍ରୀମାନଙ୍କର ଲେଖାର ବାସ୍ତବତାକୁ ଆଧାର କରି ମୂଲ୍ୟାୟନ କରିବା ଉଚିତ୍ ।**

www.careerindia.com